# ସମନ୍ବିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଙ୍କ କାର୍ଯ୍ୟାଳୟ, ଯୋଡ଼ା (ଆଦିବାସୀ)

## ବିଜ୍ଞାପନ

ପତ୍ର ସଂଖ୍ୟା ୫୮୦ / ତାରିଖ ୦୧/୦୯/୨୦୨୬

ଏତଦ ଦ୍ଵାରା ଯୋଡା ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ସମନ୍ବିତ ଶିଶୁ ବିକାଶ ପ୍ରକଳ୍ପ ଯୋଡା (ଆଦିବାସୀ) ଅଧୀନ ରେ ଖାଲି ଥିବା ୫ ଗୋଟି ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ନିମନ୍ତେ ସମ୍ପୃକ୍ତ ସେବା ଅଞ୍ଚଳ ର ଇଚ୍ଛୁକ ପ୍ରାର୍ଥୀନୀ ମାନଙ୍କ ଠାରୁ ଦରଖାସ୍ତ ଅନଲାଇନ ମାଧ୍ୟମ ରେ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ପ୍ରାର୍ଥୀନୀ ଅନଲାଇନ ମାଧ୍ୟମ ରେ (https://engagement-awc.odisha.gov.in/landing) ପ୍ରଥମେ Registration କରିବେ ଏବଂ Public Login (User Id & Password ) କୁ ଯାଇ ଦରଖାସ୍ତ ପୂରଣ କରିବେ । ଦରଖାସ୍ତ ଆବେଦନ କରିବାର ସମୟ ତା ୦୨/୦୯/୨୦୨୬ ଠାରୁ ୧୬/୦୯/୨୦୨୬ ରିଖ ପର୍ଯ୍ୟନ୍ତ । ନିମ୍ନଲିଖିତ କେନ୍ଦ୍ର ପାଇଁ ଯୋଗ୍ୟତା ଥିବା ପ୍ରାର୍ଥୀନୀ ଏହି ପଦବୀ ପାଇଁ ନିମ୍ନ ସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟ ରେ ଖାଲି ପଡିଥିବା ଅଙ୍ଗନୱାଡି କର୍ମୀ ନିମନ୍ତେ ଅନଲାଇନ ମାଧ୍ୟମ ରେ ଆବେଦନ କରିପାରିବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
Child Development Project Officer
ଯୋଡ଼ା (ଆ)

| କ୍ରମିକ ସଂଖ୍ୟା | ପଞ୍ଚାୟତ ର ନାମ | ଅଙ୍ଗନୱାଡି କେନ୍ଦ୍ର ର ନାମ | ରାଜସ୍ୱଗ୍ରାମ /ସେବା ପରିସର ଭୁକ୍ତ ଅଞ୍ଚଳ ର ସଂଲଗ୍ନ ସାହି ବା ପଡାର ନାମ | ମନ୍ତବ୍ୟ |
|---|---|---|---|---|
| ୧ | ଚମକପୁର | ତୁଗୁଡି | ତୁଗୁଡି | ଘର ନଂ ୧ – ଋଷିଚନ୍ଦ୍ର ଖିଲାର ପାଖରୁ<br>ଘର ନଂ ୧୩୮ – ବିଦ୍ୟାଧର ବାରିକ |
| ୨ | ବଡ଼ କାଳିମାଟି | ବଡ଼ କାଳିମାଟି | ବଡ଼ କାଳିମାଟି | ଘର ନଂ ୧ – ଗୁରୁବାରି ମୁଣ୍ଡା ପାଖରୁ<br>ଘର ନଂ ୨୦୦ – ପଦ୍ମଚରଣ ମୁଣ୍ଡା |
| ୩ | ଜଳହରି | କପୁର ହଟିଙ୍ଗ | କପୁର ହଟିଙ୍ଗ | ଘର ନଂ ୧ – ବୁଧୁରାମ ମୁଣ୍ଡା ପାଖରୁ<br>ଘର ନଂ ୧୫୭ – ବିକେନ୍ଦର ହର |
| ୪ | ଭଦ୍ରାସାହି | ଭୁଷୁଗାଁ | ଭୁଷୁଗାଁ | ଘର ନଂ ୧ – ଯମୁନା ଦେବୀ ପାଖରୁ<br>ଘର ନଂ ୨୦୫ – ସୁଭଦ୍ରା ପାତ୍ର |
| ୫ | ଗୁଆଲି | ଗନ୍ଧଲପଦା | ଗନ୍ଧଲପଦା | ଘର ନଂ ୧ – ମାର୍ଟନ ତୁଟି ପାଖରୁ<br>ଘର ନଂ ୧୬୦ – ସୁନିଆଁ ମୁଣ୍ଡା |

ଆବେଦନ ନିମନ୍ତେ ଯୋଗ୍ୟତା ଏବଂ ନିୟମାବଳୀ :-

୧. ଏହି ପଦବୀ ପାଇଁ ଆବେଦନକାରିଣୀ ତଫସିଲ ଭୁକ୍ତ ଜନଜାତି (ଆଦିବାସୀ) ହୋଇଥିବା ଆବଶ୍ୟକ ।

୨. ଆବେଦନକାରିଣୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତ ସ୍ଥାୟୀ ବାସିନ୍ଦା ହୋଇଥିବେ ଏବଂ ଉକ୍ତ କେନ୍ଦ୍ର ରୁ ସମସ୍ତ ସେବା ପାଉଥିବେ ।

୩. ଆବେଦନକାରିଣୀ ତା ୦୧/୦୧/୨୦୨୬ ରିଖ ସୁଦ୍ଧା ଅନ୍ୟୁନ ୧୮ବର୍ଷ ରୁ ୩୫ ବର୍ଷ ବୟସର ମହିଳା ପ୍ରାର୍ଥୀନୀ ହୋଇଥିବେ ।

୪. ଆବେଦନକାରିଣୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ (+୨) ପାସ ହୋଇଥିବା ଆବଶ୍ୟକ ।

୫. (I) ଅଙ୍ଗନୱାଡି ସହାୟିକା ଙ୍କ ଆବଶ୍ୟକ ଯୋଗ୍ୟତା ଥିଲେ ଏବଂ ସେମାନେ ଉପଯୁକ୍ତ ବୋଲି ପ୍ରମାଣିତ ହୁଅନ୍ତି ତେବେ ତାଙ୍କୁ ଅଙ୍ଗନୱାଡି କର୍ମୀ ଭାବରେ ଚୟନ କରାଯିବ ଏବଂ ଯଦି ସେମାନେ ଅନୁସୂଚିତ ଅଞ୍ଚଳରେ ୫ ବର୍ଷରୁ ଅଧିକ କାମ କରିଛନ୍ତି, ଯଦିଓ ସେ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି ନୁହନ୍ତି ।

(II) ଅଙ୍ଗନୱାଡି କର୍ମୀ ଭାବେ ଚୟନ ପାଇଁ ଅଙ୍ଗନୱାଡି ସହାୟିକା ଙ୍କ କ୍ଷେତ୍ରରେ ବୟସ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ କୋହଳ କରା ଯାଇପାରିବ ।

୬. (I) ବାଲୱାଡି କର୍ମୀ ଙ୍କ ଯଦି ଆବଶ୍ୟକ ଯୋଗ୍ୟତା ଥାଏ ଏବଂ ୫ ବର୍ଷ ରୁ ଅଧିକ ସମୟ ଧରି କାମ କରିଥାନ୍ତି , ସରକାରଙ୍କ ନିୟମ ଅନୁଯାୟୀ ଅଗ୍ରାଧିକାର ଦିଆଯାଇ ପାରିବ ।

(II) ବାଲୱାଡି କର୍ମୀ ଙ୍କ କ୍ଷେତ୍ରରେ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ବାଲୱାଡି କେନ୍ଦ୍ରରେ କାର୍ଯ୍ୟ କରିଥିବା ବର୍ଷ ସଂଖ୍ୟା କୁ କୋହଳ କରା ଯାଇପାରିବ ।

(III) ଆବଶ୍ୟକ ଯୋଗ୍ୟତା ସହିତ ଏକ ବର୍ଷ ର ଅଭିଜ୍ଞତା ଥିବା ମିନି ଅଙ୍ଗନୱାଡି କର୍ମୀ ଙ୍କୁ ସେହି କେନ୍ଦ୍ର ପାଇଁ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି କରାଯିବ ।

୭. ପ୍ରାର୍ଥୀନୀ ଓଡିଆ ରେ ଲେଖି ଏବଂ ପଢି ପାରୁଥିବା ଆବଶ୍ୟକ ଓ ଗୋଷ୍ଠୀ ର ସମସ୍ତ ସମ୍ପ୍ରଦାୟ ର ଲୋକ ଙ୍କ ସହ ନିସଂକୋଚରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିବେ ।

୮. ପ୍ରାର୍ଥୀନୀ ଉଚ୍ଚ ପ୍ରାଥମିକ (ଅଷ୍ଟମ) ଓଡିଆ ବିଷୟ ସହିତ ପାସ କରିଥିବେ କିମ୍ବା,

୯. ହାଇସ୍କୁଲ କିମ୍ବା ସମସାମୟିକ ପରୀକ୍ଷାରେ ଓଡିଆ ବିଷୟ ସହିତ ପାସ କରିଥିବେ କିମ୍ବା,

୧୦. ସପ୍ତମ ଶ୍ରେଣୀ ପର୍ଯନ୍ତ ଓଡିଆ ବିଷୟ ସହିତ ପାସ କରିଥିବେ କିମ୍ବା,

୧୧. କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନରୁ ଓଡିଆ ବିଷୟ ସହିତ ସପ୍ତମ ଶ୍ରେଣୀ ପାସ କରିଥିବେ କିମ୍ବା ଯଦି କୌଣସି ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢିଥିବେ ତେବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଉଚ୍ଚ ମାଧମିକ ସ୍ତରରେ ଓଡିଆ ବିଷୟ ଭିତ୍ତିକ ପରୀକ୍ଷାରେ ପାସ ହୋଇଥିବା ଆବଶ୍ୟକ । (ପତ୍ର ସଂଖ୍ୟା- ୧୫୦୧୭/ତା- ୧୫.୦୭.୨୦୨୪)

୧୨. ବିଧବା, ଶାରୀରିକ ଭିନ୍ନକ୍ଷମ ମହିଳା, ଅନାଥ ଝିଅ, ନିରାଶ୍ରୟ, ଛାଡପତ୍ର ପ୍ରାପ୍ତ, ପରିତ୍ୟକ୍ତା ମହିଳା ECCE ପ୍ରାର୍ଥୀନୀ ଙ୍କୁ (ସଠିକ ପ୍ରମାଣ ପତ୍ର ଥାଇ) ଏହି ପଦବୀ ନିମନ୍ତେ ଅତିରିକ୍ତ ନମ୍ବର ଦିଆଯାଇ ପାରେ ।

୧୩. ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ବିନା ନୋଟିସରେ ଅଙ୍ଗନୱାଡି କର୍ମୀ ଚୟନ କୁ କୌଣସି ମୁହୁର୍ତ୍ତ ରେ ସ୍ଥଗିତ ରଖି ପାରିବେ କିମ୍ବା ବାତିଲ କରି ପାରିବେ । ମାତ୍ର ଏଥିପାଇଁ କର୍ତ୍ତୃପକ୍ଷ ଉତ୍ତରଦାୟୀ ରହିବେ ନାହିଁ ।

୧୪. ସରକାରଙ୍କ ନିୟମ ଅନୁସାରେ ଅଙ୍ଗନୱାଡି କର୍ମୀଙ୍କ ମାସିକ ପରିତୋଷିକ ଟ. ୧୦,୦୦୦.୦୦ ଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି ।

ଇଚ୍ଛୁକ ପ୍ରାର୍ଥୀନୀ ନିର୍ଦ୍ଦିଷ୍ଟ Online Portal (engagement-awc.odisha.gov.in) ରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ କରିପାରିବେ ।

କୌଣସି ପରିସ୍ଥିତି ରେ ନିର୍ଦ୍ଧାରିତ ତାରିଖ କିମ୍ବା ସମୟସୀମା ଅତିବାହିତ ହେବା ପରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଅସମ୍ପୂର୍ଣ ତଥା ଆବଶ୍ୟକ ପ୍ରମାଣ ପତ୍ର ଦାଖଲ ହୋଇ ନ ଥିଲେ ଦରଖାସ୍ତ ଫର୍ମ ନାକଚ କରାଯିବ ।

<u>Online ଆବେଦନ ପାଇଁ ଏବଂ ଯାଞ୍ଚ ପ୍ରକ୍ରିୟା ସମୟ ରେ ଆବଶ୍ୟକୀୟ ପ୍ରମାଣ ପତ୍ର :-</u>

୧. ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର (ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା)ଏବଂ Deputy Secretary to Govt (Govt of Odisha, Revenue and Disaster Management Department) ଙ୍କ Resolution No RDM-GOEB-MISC-0039-2015-35875/R & DM Dt 24/09/2018 ଅନୁଯାୟୀ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ର ଅବଧି ୫ ବର୍ଷ କରାଯାଇଅଛି ।

୨. ଜାତିଗତ ପ୍ରମାଣ ପତ୍ର (ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ) ।

୩. ସମସ୍ତ ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣ ପତ୍ର ।

୪. ନିଜ ଆଧାର କାର୍ଡ (AADHAR CARD) ।

୫. ଆବେଦନକାରିଣୀ ଅନ୍ୟ ରାଜ୍ୟ ରୁ ପାସ କରି ଆବେଦନ କରିଥିଲେ, ସେମାନେ ଓଡିଆ ବିଷୟ ଥାଇ ସପ୍ତମଶ୍ରେଣୀ ପାସ କରିଥିବା ପ୍ରମାଣପତ୍ର ସଂଲଗ୍ନ କରିବେ ।

୬. ଆବେଦନ କରୁଥିବା ଅଙ୍ଗନୱାଡି କେନ୍ଦ୍ର ୫ ବର୍ଷ ରୁ ଉର୍ଦ୍ଧ ସହାୟିକା (Helper), ସଙ୍ଗଠିକା (Organizer)ଏବଂ NPEGEL ଅନ୍ତର୍ଭୁକ୍ତ ଶିକ୍ଷା କାର୍ଯ୍ୟକ୍ରମ ରେ ECCE ରୂପେ କାର୍ଯ୍ୟ କରିଥିବା ଅଭିଜ୍ଞତା ପ୍ରମାଣ ପତ୍ର ।

୭. ସ୍ୱାମୀ ପରିତ୍ୟକ୍ତା (Divorcee) ହୋଇଥିଲେ ସେ ସମ୍ପର୍କୀୟ ପ୍ରମାଣ ପତ୍ର ।

*ବି: ଦ୍ର:- (ସମସ୍ତ Document ର Original, Online ଆବେଦନ ସମୟରେ Upload କରିବେ ।* ଆବଶ୍ୟକୀୟ ପ୍ରମାଣ ପତ୍ର ସହ ଅନଲାଇନରେ ପ୍ରଦାନ କରିନଥିଲେ ଉକ୍ତ ଦରଖାସ୍ତକୁ ନାକଚ କରାଯିବ । *)*

ଏହି ବିଜ୍ଞାପନ ପ୍ରକାଶନ ଠାରୁ ଚୟନ ପ୍ରକିୟା ସମାପ୍ତ ମଧ ରେ ଯଦି ସରକାର ଙ୍କ ଠାରୁ କୌଣସି ପରିବର୍ତ୍ତନ ନିର୍ଦ୍ଦେଶାବଳୀ ହସ୍ତଗତ ହୁଏ ସେ କ୍ଷେତ୍ର ରେ ବିଜ୍ଞାପନ ରଦ୍ଧ କରାଯାଇପାରେ ।

ଆବେଦନକାରିଣୀ ମାନଙ୍କର ଦରଖାସ୍ତ ତନଖି ଅଧିକାରୀଙ୍କ ଦ୍ୱାରା ତା ୧୮/୦୯/୨୦୨୬ ରିଖ ଦିବା ସକାଳ ୧୦:୩୦ ଘଟିକାରେ ଯାଞ୍ଚ କରାଯିବ । ଏଣୁ ପ୍ରାର୍ଥୀନୀ ମାନେ ସମସ୍ତ ମୂଳ ପ୍ରମାଣ ପତ୍ର (Original Documents) ସହିତ ଉପଜିଲ୍ଲାପାଳ, ଚମ୍ପୁଆ ଙ୍କ କାର୍ଯ୍ୟାଳୟର ମିଟିଂ ହଲ ରେ ଉପସ୍ଥିତ ରହି ନିଜର ସାର୍ଟିଫିକେଟ ଗୁଡିକ ଯାଞ୍ଚ କରାଇ ନେବେ । ଅନ୍ୟଥା ତାଙ୍କ ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବନାହିଁ । ଆବଶ୍ୟକୀୟ ପ୍ରମାଣ ପତ୍ର ସହ ଅନଲାଇନରେ ପ୍ରଦାନ କରିନଥିଲେ ଉକ୍ତ ଦରଖାସ୍ତକୁ ନାକଚ କରାଯିବ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
Child Development Project Officer
ଯୋଡା (ଅ)

ପରିପତ୍ର ସଂଖ୍ୟା ୫୪୮ / ତାରିଖ ୦୯/୦୯/୨୦୨୬

ଏହାର ଏକକିତା ନକଲ ଏହି କାର୍ଯ୍ୟାଳୟ ନୋଟିସ ବୋର୍ଡ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯୋଡା/ ଅଧକ୍ଷ, ପଞ୍ଚାୟତ ସମିତି, ଯୋଡା /ଚିକିସା ଅଧିକାରୀ,ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର/ ବ୍ଲକ ଶିକ୍ଷା ଅଧିକାରୀ, ଯୋଡା/ ସରପଞ୍ଚ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଙ୍କ ଅବଗତି ଓ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
Child Development Project Officer
ଯୋଡା (ଅ)
Joda (T)

ପରିପତ୍ର ସଂଖ୍ୟା ୫୪୯ / ତାରିଖ ୦୯/୦୯/୨୦୨୬

ଏହାର ଏକକିତା ନକଲ ସମ୍ପୃକ୍ତ ମହିଳା ପରିଦାର୍ଶିକା/ ସମ୍ପୃକ୍ତ ଗ୍ରାମ ର ଅଙ୍ଗନୱାଡି ଠାରେ ଗ୍ରାମବାସୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅଙ୍ଗନୱାଡି କର୍ମୀ କୁ ନିର୍ଦ୍ଦେଶ ଦିଆଗଲା କି ଗୋଟିଏ ବିଜ୍ଞାପନ ଗ୍ରାମ ର ମଧ ଭାଗରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇବା ପାଇଁ ଝୁଲାଇବେ ଓ ଗୋଟିଏ କପି ଗ୍ରାମ ର ବାସିନ୍ଦା ମାନଙ୍କ ଠାରୁ ନୋଟିସ ପାଇଥିବାର ପ୍ରମାଣ ସ୍ୱରୂପ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଦାଖଲ କରିବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
Child Development Project Officer
ଯୋଡା (ଅ)

ପରିପତ୍ର ସଂଖ୍ୟା ୫୫୦/ ତାରିଖ ୦୯/୦୯/୨୦୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଚମ୍ପୁଆ/ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କେନ୍ଦୁଝର ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
Child Development Project Officer
ଯୋଡା (ଅ)
Joda (T)